# Akashvani, Sambalpur

# SAMBALPURI NEWS BULLETIN

## 9 June 2024- 6.47- 6.52 am.

*************************************************

କେନ୍ଦ୍ର ମନ୍ତ୍ରିମଣ୍ଡଲ୍- ଶପଥ୍ ସମାରୋହ   ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜେପି ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଂଟ- ଏନ୍‌ଡିଏର ସଂସଦୀୟ ଦଲର୍ ନେତା ନରେନ୍ଦ୍ର ମୋଦୀ ଆଏଜ୍ ସଞ୍ଜ୍‌ବେଲା ୭ ବାଜିକରି ୧୫ ମିନିଟ୍‌ଥି ଲଗାତାର୍ ୩ ନମ୍ବର୍ ଥର୍ ଲାଗି ଦେଶର୍ ପ୍ରଧାନ୍‌ମନ୍ତ୍ରୀ ଭାବେ ଶପଥ୍ ନେବେ । ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ -ଶ୍ରୀ ମୋଦୀ ଆର୍ ତାଙ୍କର୍ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କୁ ପଦ ଆର୍ ଗୋପନୀୟତାର୍ ଶପଥ୍ ପାଠ୍ କରାବେ । ଶପଥ୍ ଗ୍ରହଣ୍ ସମାରୋହଥି ଯୋଗ୍ ଦେବାର୍‌କେ ପଡ଼ୋଶୀ ଦେଶ୍‌ମାନ୍‌କର୍ ମୁଖିଆମାନ୍‌କୁ ନିଉତା ଦିଆଯାଇଥିବାର୍ ବେଲେ ସେମାନେ ଆସିକରି ନୂଆଦିଲ୍ଲୀ ନ ପୁହୁଁଚୁଛନ୍ । ବଙ୍ଗଲାଦେଶ୍‌ର ପ୍ରଧାନ୍‌ମନ୍ତ୍ରୀ ଶେଖ୍ ହସିନା ଆର୍ ସିଚିଲସ୍‌ର ଉପରାଷ୍ଟ୍ରପତି ଅହମ୍ମଦ୍ ଅଫିଫ୍ ନୂଆଦିଲ୍ଲୀ ପୁହୁଁଚିସାରିଥିବାର୍ ବେଲେ

ଶ୍ରୀଲଙ୍କାର୍ ରାଷ୍ଟ୍ରପତି ରାନିଲ୍ ୱିକ୍ରମ୍‌ସିଂହେ, ମାଲ୍‌ଦୀପ୍‌ର ରାଷ୍ଟ୍ରପତି ଡକ୍ଟର୍ ମହମ୍ମଦ୍ ମୁଇଜ୍ଜୁ, ମୋରିସସ୍‌ର ପ୍ରଧାନ୍‌ମନ୍ତ୍ରୀ ପ୍ରବୀଣ୍ କୁମାର୍ ଜୁଗନ୍ନଥ, ନେପାଲ୍‌ର ପ୍ରଧାନ୍‌ମନ୍ତ୍ରୀ ପୁଷ୍ପକମଲ୍ ଦହଲ୍ -ପ୍ରଚଣ୍ଡ ଆର୍ ଭୂଟାନ୍‌ର ପ୍ରଧାନ୍‌ମନ୍ତ୍ରୀ ତେସ୍‌ରିଙ୍ଗ୍ ତୋବ୍‌ଗେ ଶପଥ୍ ସମାରୋହଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଅଷ୍ଟାଦଶ ଲୋକ୍‌ସଭାଥି ବିଜେପି ନେତୃତ୍ୱଥି ଏନ୍‌ଡିଏ ୨ ଶହ ୯୩ ଟା ଆସନ୍ ଜିତିକରି ସଂଖ୍ୟା ଗରିଷ୍ଠତା ହାସଲ୍ କରିଛେ ।

ଓଡ଼ିଶାର୍ ନୂଆଁ ମୁଖ୍ୟମନ୍ତ୍ରୀ-ଶପଥ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟର୍ ନୂଆଁ ମୁଖ୍ୟମନ୍ତ୍ରୀଙ୍କର୍ ଶପଥ୍ ସମାରୋହ ଆଏବାକାଏଲ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍‌ର ଜନ୍‌ତା ମଇଦାନ୍ ନ ହେବା । ସମାରୋହଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଅନ୍ୟ ମନ୍ତ୍ରୀମାନେ ଭିଲ୍ ଶପଥ୍ ନେବେ । ହେଲେ ମୁଖ୍ୟମନ୍ତ୍ରୀ କିଏ ହେବେ ହେ ନିଷ୍ପତି ଦଲର୍ ସଂସଦୀୟ ବୋର୍ଡ଼ଥି ନିଆଯିବା ବଲି ବିଜେପି ରାଜ୍ୟ ସଭାପତି ମନମୋହନ୍ ସାମଲ୍ ଗଣମାଧ୍ୟମ୍‌କେ କହିଛନ୍ । ଦିଲ୍ଲୀ ଗସ୍ତନୁ ଫିର୍‌ଲା ଉତ୍‌ରୁ ଶ୍ରୀସାମଲ୍

ଗଣମାଧ୍ୟମ୍‌କେ କହିଛନ୍ ଯେ, ଆଏବା କାଏଲ୍ ସଖାଲେ ହେବାର୍‌କେ ଥିବା ବିଜେପି ବିଧାୟକ୍ ଦଲର୍ ବୈଠକ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ନାଁ ଉପ୍‌ରେ ଅନୁମୋଦନ୍ ଦିଆଯିବା । ସେଆଡ଼େ ଜନତା ମଇଦାନ୍ ନ ହେବାର୍‌କେ ଥିବା ଶପଥ୍ ସମାରୋହଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ରମନ୍ତ୍ରୀ ଆର୍ ଭିନ୍ ଭିନ୍ ରାଜ୍ୟର୍ ମୁଖ୍ୟମନ୍ତ୍ରୀମାନେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ହେଥିର୍‌ଲାଗି ଜନତା ମଇଦାନ୍ ନ ଜୋର୍‌ଦାର୍ ପ୍ରସ୍ତୁତି କରାଯାଉଛେ । ଶପଥ୍ ଗ୍ରହଣ୍ ସମାରୋହ ଲାଗି କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଉଛେ ।

ନୃସିଂହ ନିଉତା ବର୍‌ଗଡ଼୍/ ସମ୍ବଲପୁର୍ ସମ୍ବାଦଦାତା

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଉତ୍ସବ୍‌ମୁଖର୍ ହେଇଛେ । ଗଲା ରାତି ଝାଡୁଆପଡ଼ାର୍ ଶ୍ରୀ ଶ୍ରୀ ଲୋକ୍‌ନାଥ୍ ବାବା ଆର୍ ମୁଦିପଡ଼ାର୍ ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବାଙ୍କର୍ ସହେତେ ଅଲ୍‌ଗା ଶିବମନ୍ଦିର୍ ମାନ୍‌କେ ମହାଦେବଙ୍କର୍ ଜଗତ୍‌ଜନନ ମା' ପାର୍ବତୀଙ୍କର୍ ବିହା ଲାଗି ପତର୍‌ପେଁଡ଼ି ବିଧି ହେଇଯାଇଛେ । ମହାଦେବଙ୍କର୍ ଆଡ୍ରୁ ବରପିତା ଆର୍ ସପ୍ତଋଷି ଘଁଟ୍, ଶଂଖ, ଦୁଲ୍‌ଦୁଲି ସହେତେ ଇ ବଛ୍‌ରର କନ୍ୟାପିତାଙ୍କର୍ ଘର୍‌କେ ପୁହୁଁଚିକରି ଜଗତ୍‌ଜନନୀ ପାର୍ବତୀଙ୍କର୍ ସଙ୍ଗେ ବିହା କର୍‌ବାର୍‌କେ ସଂକଳ୍ପ କରିକରି ସର୍ଗିପତର୍ ପେଁଡ଼ା କନ୍ୟାପିତାଙ୍କୁ

ଦେଇଥିଲେ । ଆଏଜ୍ ରାତି ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା, ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ନିଉତା ଯାତ୍ରା ହେବା । ସେଆଡ଼େ ନନ୍ଦ୍‌ପଡ଼ାର୍ ବମ୍‌ବରାଡ଼୍ ବାଲୁଙ୍କେଶ୍ୱର୍ ବାବାଙ୍କର୍ ପତର୍‌ପେଁଡ଼ି ଆର୍ ନୃସିଂହନିଉତା ବିଧି ଆଘୋନୁ ହେଇସାରିଛେ ।

ଆଏବାକାଏଲ୍ ରାତି ସବୁ ଶିବ ମନ୍ଦିର୍‌ର ଦେବଦେବ ମହାଦେବ ବରାତି ବାହାରିବେ । ୧୧ ତାରିଖ୍ ବ୍ରାହ୍ମମୁହୁର୍ତ ନ ଇ ବଛ୍‌ରର୍ କନ୍ୟାମାତାପିତାଙ୍କର୍ ଜାଗାଥି ଦେବଦେବ ମହାଦେବ ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ଲୌକିକ ବିହାଘର୍ ହେବା । ସେଦିନ ଅଧରାତିନୁ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ବାହାରିକରି ୧୨ ତାରିଖ୍ ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ସେନ୍ତା ବର୍‌ଗଡ଼୍ ଜିଲ୍ଲା ବର୍‌ପାଲି ନ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ଗଲା କାଏଲ୍ ପତର୍‌ପେଁଡ଼ି ହେଇଯାଇଛେ । ବାବା କପିଳେଶ୍ୱର୍‌ଙ୍କର୍ ସଙ୍ଗେ ଜଗତ୍‌ଜନନୀ ପାର୍ବତୀଙ୍କର୍ ବିହା ଲାଗି ହିମାଦ୍ରୀନଗର୍ ନ ପତର୍‌ପେଁଡ଼ି କାର୍ଯ୍ୟକ୍ରମ୍ ହେଇଥିଲା । ପଦ୍ମପୁର୍‌ର ସ୍ୱପ୍ନେଶ୍ୱର୍ ବାବା ଆର୍ ରାମେଶ୍ୱର୍ ବାବାଙ୍କର୍ ବିହା ଲାଗି ଭିଲ୍ ପତର୍‌ପେଁଡ଼ି ହେଇଯାଇଛେ ।

ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଶପଥ୍ ଗ୍ରହଣ୍ ସମାରୋହକେ ଆକାଶ୍‌ବାଣୀ କଟକ୍ କେନ୍ଦ୍ର ତର୍‌ଫୁ ସଞ୍ଜ୍‌ବେଲର୍ ୬ ବାଜିକରି ୪୫ ମିନିଟ୍‌ନୁ ଓଡ଼ିଆ ଭାଷାଥି ସିଧାପ୍ରସାରଣ କରାଯିବା । ହେଥିର୍‌ଲାଗି ଆଏଜ୍ ସମ୍ବଲ୍‌ପୁରୀ ଆଂଚଲିକ୍ ସମ୍ବାଦ ରାତି ୭ ବାଜିକରି ୨ ମିନିଟ୍ ବଦ୍‌ଲା ସଞ୍ଜ୍‌ବେଲର୍ ୬ ବାଜିକରି ୧୫ ମିନିଟ୍‌ଥି ପ୍ରସାରଣ୍ କରାଯିବା ।

ନବଯୌବନ ଦର୍ଶନ୍- ରଥ୍‌ଯାତ୍ରା ଆର୍‌ଏନ୍‌ୟୁ /ସମ୍ବଲପୁର

୫୩ ବରସ୍ ଉତ୍‌ରୁ ଇ ବଛର୍ ୧୩ ଦିନିଆ ପକ୍ଷ ପଡୁଥିବାର୍‌ନୁ ଶ୍ରୀକ୍ଷେତ୍ର ପୁରୀ ନ ଆଏବା ମାସର୍ ୭ ତାରିଖ୍ ଦିନ ଗୁଟେ ଦିନେ ଶ୍ରୀଜୀଉମାନ୍‌କର୍ ନବଯୌବନ ଦର୍ଶନ୍, ନେତ୍ରୋତ୍ସବ୍ ଆର୍ ଶ୍ରୀଗୁଣ୍ଡିଚା ଯାତ୍ରା ହେବା । ସବୁନୀତିକାନ୍ତି ଆର୍ ରଥ୍‌ଘିଚା ଯେନ୍ତା ଶୃଙ୍ଖଲିତ୍ ଭାବେ ହେଇପାର୍‌ବା ହେଥିର୍‌ଲାଗି ଗଲାକାଏଲ୍ ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ୍ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଦଇତାପତି, ପୂଜାପଣ୍ଡା ନିଯୋଗ ସହେତେ ଆଇନ୍ ବିଭାଗ୍‌ର ସଚିବ ପୁରୀ

ଜିଲ୍ଲାପାଲ୍ ଆର୍ ଏସ୍.ପି. ଆର୍ ଶ୍ରୀମନ୍ଦିର୍‌ର ନୀତି ପ୍ରଶାସକ ଯୋଗ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗଲାକାଏଲ୍ ଓଡ଼ିଶାକେ ପୁହୁଁଚିଥିବାର୍ ବେଲେ ମାଲ୍‌କାନ୍‌ଗିରି ଜିଲ୍ଲାର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହେଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ସ୍ୱାଭାବିକ୍ ସମିଆ ନୁ ୪ ଦିନ୍ ଆଘୋ ମୌସୁମୀ ଓଡ଼ିଶାକେ ଢୁକିଛେ ।
ସେଆଡ଼େ ଆଏବା ୪ ଦିନ୍‌ତକ୍ ପଶ୍ଚିମ୍ ଓଡ଼ିଶାର୍ ବଡ଼ଭାଗୀ ଇଲାକା ନ ଗ୍ରୀଷ୍ମପ୍ରବାହ ଜାରି ରହେବା । ଆଏଜ୍ ବର୍‌ଗଡ୍, ବଲାଙ୍ଗିର୍ ଆର୍ ନୂଆପଡ଼ା ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ଗ୍ରୀଷ୍ମପ୍ରବାହ ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।